


'ନନ୍ଦିଘୋଷ ଟିଭି' ଓ 'ସକାଳ' ପକ୍ଷରୁ ପଖାଳ ଦିବସ

# ହେଟେଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ପଖାଳ

ଭୁବନେଶ୍ୱର, ୨୦।୩(ସମିସ): ସ୍ଥାନୀୟ ପୋଖରିପୁଟ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦ ଇନଷ୍ଟିଚ୍ୟୁଟ ଅଫ୍ ହେଟେଲ ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ୍‌ରେ ବୁଧବାର ପଖାଳ ଦିବସ ପାଳିତ ହୋଇଛି। ପଖାଳ ସହ ୧୦ ପ୍ରକାର ବ୍ୟଞ୍ଜନ ପରଷା ଯାଇଥିଲା। ଏଥିରେ ପ୍ରମୋଦନୀ ଏଜୁକେସନାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ଆଶିଷ କୁମାର ପାତ୍ର, କଲେଜର ଅଧ୍ୟକ୍ଷ ପୀତାମ୍ବର ବିଶ୍ୱାଳ ଯୋଗଦେଇ ପଖାଳ ଦିବସର ତାତ୍ପର୍ଯ୍ୟ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଲାଷ ଶତପଥୀ, ବରୁଣ ମିଶ୍ର, ଯଯାତୀ କେଶରୀ ଯେନା, ସ୍ୱାଗତା ମହାନ୍ତି, ଶୁଭଶ୍ରୀ ଦାସ, ଭାନୁପ୍ରୀୟ ନାଗବଂଶୀ, ପ୍ରୟଙ୍କା ବେହେରା, ରବୀନ୍ଦ୍ର ପାଳ ଓ ଆଲୋକ କୁମାର ଜାଲ୍ ଯୋଗ ଦେଇଥିଲେ।